# ସାହିତ୍ୟ ଏକାଡେମୀ ତରଫରୁ ଶିଳଭଦ୍ର ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଅନୁଷ୍ଠିତ

15-Feb-2025




ଗୌହାଟି(ପ୍ରେରଣା ଖବର): ସାହିତ୍ୟ ଏକାଡେମୀ ଏବଂ ନର୍ଥ ଲଖିମପୁର ମହାବିଦ୍ୟାଳୟର ମିଳିତ ଉଦ୍ୟମରେ ବିଶିଷ୍ଟ ଅହମିୟା ସାହିତ୍ୟିକ ଶିଳଭଦ୍ର (ରେବତୀ ମୋହନ ଦତ୍ତ )ଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଲଖିମପୁର କଲେଜରେ  ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଅଧିବେଶନରେ କଲେଜର ଅଧକ୍ଷ ଡକ୍ଟର ବିମାନ ଚନ୍ଦ୍ର ଚେଟିଆ ଅଧକ୍ଷତା କରିଥିଲେ ଏବଂ ସାହିତ୍ୟ ଏକାଡେମୀର କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୀ ନାଏ କ ତାଙ୍କ ବକ୍ତବ୍ୟରେ ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତାଙ୍କ ଅନନ୍ୟ ସାହିତ୍ୟିକ ପ୍ରତିଭା




ଉପରେ ଆଲୋକପାତ କରିବା ସହିତ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବିଶେଷକରି ଶିଳଭଦ୍ରଙ୍କ କାହାଣୀ କହିବାର ଶୈଳୀ ଓ ବିଷୟବସ୍ତୁ ସମ୍ପର୍କରେ ସେ ସୂଚନା ଦେଇଥିଲେ । ସାହିତ୍ୟ ଏକାଡେମୀର ଅହମିୟା ଉପଦେଷ୍ଟା ମଣ୍ଡଳୀର ଆବାହକ ଦିଗନ୍ତ ବିଶ୍ୱ ଶର୍ମା ପ୍ରାରମ୍ଭିକ ବକ୍ତୃତା ପ୍ରଦାନ କରିଥିଲେ। ସେ ଶିଳଭଦ୍ରଙ୍କ ସୃଜନଶୀଳ ପ୍ରତିଭାର ଗଭୀର ଆତ୍ମନିରୀକ୍ଷଣ ଦିଗ ଉପରେ ଆଲୋକପାତ କରିଥିଲେ। ଶ୍ରୀ ଶର୍ମା ଭାରତୀୟ ସାଂସ୍କୃତିକ ପରମ୍ପରାର ଚିନ୍ତନଶୀଳ ବାହକ ଭାବରେ ଶିଳଭଦ୍ରଙ୍କ କୃତିର ସରଳତା ଏବଂ ସେମାନଙ୍କ ମଧ୍ୟରେ ନିହିତ ମାନବତାର ଗଭୀର ପ୍ରକୃତିର ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ ଯେ ଶିଳଭଦ୍ରଙ୍କ କୃତି ମାଧ୍ୟମରେ ସେ ଋଷି ଅରବିନ୍ଦଙ୍କ ଦର୍ଶନ ଏବଂ ଚେତନାର ପ୍ରତିଧ୍ୱନି ଅନୁଭବ କରିଥିଲେ। ନର୍ଥ ଲଖିମପୁର କଲେଜର ଆଇକ୍ୟୁଏସି ସଂଯୋଜକ ଡକ୍ଟର ରାଘବ ପରାକୁଲି ଉଦଘାଟନୀ ଅଧିବେଶନରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ  ସମାଲୋଚକ ଏବଂ ସ୍ତମ୍ଭକାର ତଥା ଲଖିମପୁର କଲେଜର ଅହମିୟା ବିଭାଗର ମୁଖ୍ୟ ଡକ୍ଟର ଅରବିନ୍ଦ ରାଜଖୋୱା ପରିଚାଳନା କରିଥିଲେ। ଏହି ଅଧିବେଶନରେ, ଲଖିମପୁର ବାଣିଜ୍ୟ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଲୋହିତ ହଜାରିକା, ସ୍ୱପ୍ନାଲି ବୋରଗୋହାଇନ୍ ଏବଂ  ଡକ୍ଟର ବି.ଡି. ନିଶା ପ୍ରବନ୍ଧ ଉପସ୍ଥାପନ କରିଥିଲେ। ତିନି ଆଲୋଚକ ଶିଳଭଦ୍ରଙ୍କ ବହୁବିଧ କୃତିର ମୂଲ୍ୟାଙ୍କନ କରିବା ପୂର୍ବକ ତାଙ୍କ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପର କଳାତ୍ମକ ସୌନ୍ଦର୍ଯ୍ୟ ବିଷୟରେ କହିଥିଲେ। ଡକ୍ଟର ରାଜଖୋୱା କହିଥିଲେ ଯେ ଶିଳଭଦ୍ରଙ୍କ କୃତି ଅବିଭକ୍ତ ଗୋଲପାରା ଜିଲ୍ଲାକୁ ଆସାମ ସହିତ ସଂଯୋଗ କରିବାରେ ଏବଂ ଆସାମର ଅସ୍ମିତା ନିର୍ମାଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଲୋଚଚକ୍ରର ଅନ୍ତିମ ଅଧିବେଶନରେ ସୁପରିଚିତ କବି ଏବଂ ଅର୍ଥନୀତିର ବିଭାଗର ସହକାରୀ ପ୍ରଫେସର ଡକ୍ଟର ରାତୁଲ କୁମାର ଲାହାନ ପରିଚାଳନା କରିଥିଲେ। ଏହି ଅଧିବେଶନରେ ଭାସ୍କର ଭୂୟାଁ, ନର୍ଥ ଲଖିମପୁର କଲେଜର ସହକାରୀ ପ୍ରଫେସର ଡକ୍ଟର ବର୍ଣ୍ଣାଲି ବୋରା, ଲଖିମପୁର ବାଳିକା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ନିପୋନ ପାଙ୍ଗିଂ ଏବଂ ଡକ୍ଟର ରୁନକୁନ



ବୋରା ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧିବେଶନରେ ମୁଖ୍ୟତଃ ଶିଳଭଦ୍ରଙ୍କ କ୍ଷୁଦ୍ରଗଳ୍ପରେ ସୌନ୍ଦର୍ଯ୍ୟବୋଧ ଏବଂ ସାମାଜିକ ଚେତନା ଉପରେ ଆଲୋଚନା କରାଯାଇଥିଲା। ସହକାରୀ ପ୍ରଫେସର ଡକ୍ଟର ଧୀରଜ ପାଟର ସମାପନୀ ବକ୍ତୃତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସାହିତ୍ୟିକ, ଅଧ୍ୟାପକ, ଗବେଷକ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ ଯେ ଶିଳଭଦ୍ରଙ୍କ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗଳ୍ପ ସଂକଳନ ମଧୁପୁର ବହୁଦୂର ଓଡ଼ିଆରେ ଅନୁଦିତ ହୋଇ ପାଠକୀୟ ଆଦୃତି ଲାଭ କରିଛି ।